Series JBB

SET-4

Code No. **14**

Roll No. | | | | | | | | |

Candidates must write the Code on the title page of the answer-book.

| | ନୋଟ | | NOTE |
|---|---|---|---|
| (I) | ପ୍ରଶ୍ନପତ୍ରଟି **8** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ । | (I) | Please check that this question paper contains **8** printed pages. |
| (II) | ପ୍ରଶ୍ନପତ୍ରର ଡାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପୁସ୍ତିକା ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ । | (II) | Code number given on the right hand side of the question paper should be written on the title page of the answer-book by the candidate. |
| (III) | ପ୍ରଶ୍ନପତ୍ରରେ **11**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ । | (III) | Please check that this question paper contains **11** questions. |
| (IV) | ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ । | (IV) | Please write down the Serial Number of the question in the answer-book before attempting it. |
| (V) | ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ । | (V) | 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period. |

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* | *Maximum Marks : 80*

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ – Reading – 10

(ଖ) ଲିଖନ – Writing – 15

(ଗ) ବ୍ୟାକରଣ – Grammar – 20

(ଘ) ସାହିତ୍ୟ – Literature – 35

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

## 'କ' ବିଭାଗ **10 Marks**

**1.** ନିମ୍ନ ଅନୁଚ୍ଛେଦଟିକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ । *2×5=10*

ସ୍ୱାଧୀନତା ସଂଗ୍ରାମର ଛାତିଥରା କାହାଣୀ ଆଜିର ପିଲାମାନେ ପୁସ୍ତକରୁ ପଢିଛନ୍ତି, କିନ୍ତୁ ଅଙ୍ଗେ ନିଭେଇ ନାହାଁନ୍ତି । ଆମ ଭାରତ ବର୍ଷକୁ ସ୍ୱାଧୀନ କରିବାପାଇଁ ସଂଗ୍ରାମୀମାନେ ନିଜର ସୁଖର ସଂସାରକୁ ବିପନ୍ନ କରି କିପରି ଆତ୍ମୋତ୍ସର୍ଗ କରିଥିଲେ, ତାହା ଶୁଣିଲେ ସେମାନଙ୍କ ମନରେ ଗର୍ବ ଆସେ । ସେମାନେ ଜାତୀୟତାବାଦୀ ଚେତନାରେ ଉଦ୍‌ବୁଦ୍ଧ ହୋଇ ସଂଗ୍ରାମୀମାନଙ୍କର ଗୁଣଗାନ କରନ୍ତି । ଏହି ଗୁଣଗାନ ସେହି ଦିବଂଗତ ଆତ୍ମା ପ୍ରତି ସମ୍ମାନ ବୋଲି ମନେ କରାଯାଏ । ସମୟର ଡ଼ାକ ମଣିଷକୁ ସାଧାରଣ ତେଲଲୁଣର ସଂସାରରୁ ଊର୍ଦ୍ଧ୍ୱକୁ ନେଇଯାଏ । ସାର୍ବଜନୀନ ରାଷ୍ଟ୍ରୀୟ ଚେତନାର ସ୍ରୋତରେ ନିଜକୁ ଭସାଇ ପାରିଲେ ଜୀବନ ସାର୍ଥକ ହେବବୋଲି ସେ ଭାବେ । ଏହି ଭାବନାହିଁ ଦେଶପ୍ରେମ । ଦେଶପ୍ରେମୀମାନେ ଆମର ନମସ୍ୟ । ସେମାନେ ଜନନୀ ଜନ୍ମଭୂମି ପାଇଁ ସବୁକିଛି ତ୍ୟାଗ କରିଛନ୍ତି । ଯେଉଁ ସୁଜଳା ସୁଫଳା ଶସ୍ୟଶ୍ୟାମଳା ଜନ୍ମ ମାଟିର ବକ୍ଷରେ ଆମେ ଆଜି ଖେଳିବୁଲୁଛୁ, ସେ ମାଟିର ସୁରକ୍ଷା ହୋଇପାରିଛି ସେଇ ସଂଗ୍ରାମୀ ମାନଙ୍କର ରକ୍ତରେ । ସେଇ ରକ୍ତକୁ ମାଟି ମାଆ ବିଜୟର ତିଳକ ଭାବେ ଗ୍ରହଣ କରିଛି । ସେଦିନ ଆମ ହାତରେ ନଥିଲା । ଆଜି କିନ୍ତୁ ଅଛି ସେଦିନର ଗୌରବମୟ ଇତିହାସ । ଏଇ ଇତିହାସ ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ଉଚିତ ।

(କ) କେଉଁ କାହାଣୀ ଆଜିର ପିଲାମାନଙ୍କୁ ଗର୍ବିତ କରେ ଓ କାହିଁକି ?

(ଖ) କେଉଁମାନେ କାହାର ଗୁଣଗାନ କରନ୍ତି ?

(ଗ) ଜୀବନ କିପରି ସାର୍ଥକ ହେବ ବୋଲି ଚିନ୍ତା କରାଯାଇଛି ?

(ଘ) ମାଟି ମାଆର ବିଜୟ ତିଳକ ବୋଲି କାହାକୁ ଅଭିହିତ କରାଯାଇଛି ?

(ଙ) କ'ଣ ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ଉଚିତ ?

## 'ଖ' ବିଭାଗ **15 Marks**

**2.** ଯେକୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । *8*

(କ) ଛାତ୍ର ଜୀବନରେ ଶୃଙ୍ଖଳା ।

(ଖ) ମାତୃଭାଷାର ମହତ୍ତ୍ୱ ।

(ଗ) ଭାରତର ମହାକାଶଯାତ୍ରା ।

**3.** 'ବର୍ଷାଜଳ ସଂଚୟର ଆବଶ୍ୟକତା' ଶୀର୍ଷକ ଜନ ସଚେତନତା ଉଦ୍ଦେଶ୍ୟରେ ତୁମର ଏକ ଲେଖା ପ୍ରକାଶ କରିବାପାଇଁ କୌଣସି ସମ୍ବାଦପତ୍ରର ସମ୍ପାଦକଙ୍କ ପାଖକୁ ଏକ ପତ୍ର ଲେଖ । *7*

**କିମ୍ବା**

ଟ୍ରାଫିକ୍ ନିୟମ ମାନି ସର୍ବସାଧାରଣ ରାସ୍ତାରେ ଯାନବାହନ ଚଳାଇବା ପାଇଁ ଏକ ବାର୍ତ୍ତା ପ୍ରକାଶ କରିବା ପାଇଁ କୌଣସି ଦୈନିକ ସଂବାଦପତ୍ରର ସଂପାଦକଙ୍କ ପାଖକୁ ଏକ ପତ୍ର ଲେଖ ।

(ବି.ଦ୍ର. – ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ)

## 'ଗ' ବିଭାଗ **20 Marks**

**4.** ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଲେଖ । *1×4=4*

(କ) ନିର୍ଦ୍ଦେଶ ଅନୁସାରେ ବାକ୍ୟ ପରିବର୍ତ୍ତନ କର । (ଯେ କୌଣସି ***ଚାରୋଟି*** )

(i) ସୋନାଲି ପରୀକ୍ଷାରେ ଭଲ ନମ୍ବର ରଖିବାରୁ ବାପା ଓ ମାଆ ଖୁସିହେଲେ । (ଜଟିଳ ବାକ୍ୟ)

(ii) ବର୍ଷା ହେବାରୁ ଖେଳ ସ୍ଥଗିତ ରହିଲା । (ଯୌଗିକ ବାକ୍ୟ)

(iii) ଆମେ ଯଦି ଆଉ କିଛିସମୟ ବିଳମ୍ବ କରିଥାନ୍ତୁ, ତେବେ ବନ୍ୟା କବଳରେ ପଡିଥାନ୍ତୁ । (ସରଳ ବାକ୍ୟ)

(iv) ଯେତେବେଳେ ବିଜୁଳି ଘଡ଼ଘଡ଼ି ମାରିବ, ସେତେବେଳେ ଟି.ଭି. ବନ୍ଦ କରିଦେବା । (ସରଳ ବାକ୍ୟ)

(v) ଗରିବ ପିଲାଟିକୁ ଗ୍ରାମବାସୀ ଆର୍ଥିକ ସାହାଯ୍ୟ କରିବାରୁ ସେ ପାଠ ପଢି ପାରିଲା । (ଜଟିଳ ବାକ୍ୟ)

(vi) ପ୍ରତିମା ଏତେ ଅଭ୍ୟାସ କରିଥିଲେ ବି ଦୌଡ଼ ପ୍ରତିଯୋଗିତାରେ ଅକୃତକାର୍ଯ୍ୟ ହେଲା (ଯୌଗିକ ବାକ୍ୟ)

(ଖ) ଶୁଦ୍ଧକରି ଲେଖ । (ଯେ କୌଣସି ***ଚାରୋଟି*** ) *1×4=4*

(i) ସଂକ୍ଷିପ୍ତରେ

(ii) ବିଷର୍ଣ୍ଣ

(iii) ଦୂରାବସ୍ଥା

(iv) ମନଭାବ

(v) ଶୀକାର

(vi) ଦାଶରଥୀ

(ଗ) ଲକ୍ଷଣ ଓ ଯତିପାତ ସହ ଯେ କୌଣସି ***ଗୋଟିଏ*** ଛନ୍ଦର ଉଦାହରଣ ଦିଅ । *4×1=4*

ଭାଗବତ ବାଣୀ, ରାମକେରୀ ।

(ଘ) ନିମ୍ନଲିଖିତ ରୂଢ଼ିଗୁଡିକୁ ବାକ୍ୟରେ ବ୍ୟବହାର କର । (ଯେ କୌଣସି ***ଚାରୋଟି*** ) *1×4=4*

(i) ଅନ୍ଧର ଲଉଡ଼ି ।

(ii) ଆକାଶ କୁସୁମ ।

(iii) କାଠିକର ପାଠ ।

(iv) ଆଖିପକାଇବା ।

(v) କଳାକନା ବୁଲାଇବା ।

(vi) ହାତଧରିବା ।

(ଙ) ନିମ୍ନ ଅନୁଚ୍ଛେଦଟିକୁ ଓଡିଆରେ ଅନୁବାଦ କର । *4*

It was a cloudy evening. The birds were sitting on the branch of a tree. The man with a gun reached there and tried to shoot them. But the situation changed the mind of the hunter, by which he did not want to fire the gun.

## 'ଘ' ବିଭାଗ **35 Marks**

**5.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିଏ***) *5×1=5*

(କ) ବିରାଟ ସାଗର ଆଜି ଦୁର୍ଲଙ୍ଘ୍ୟ ହୋଇନାହିଁ କି ତୁଙ୍ଗ ହିମାଳୟ ଦୁରୂହ ହୋଇ ରହିନାହିଁ ।

(ଖ) ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣପରି ମୁଁ ଭାସି ଚାଲିଛି ।

**6.** ଯେକୌଣସି ***ତିନୋଟି*** ପ୍ରଶ୍ନର ଉତ୍ତର ଲେଖ । *2×3=6*

(କ) ସ୍କଟଲାଣ୍ଡରେ ଲୋକମାନେ ମାସମାସ ଧରି ଆନ୍ଦୋଳନ କରୁଥିଲେ କାହିଁକି ?

(ଖ) ନରେନ୍ ଦୁଇପିତାଙ୍କୁ ହରାଇଲା – ଏ କଥା କାହିଁକି କୁହା ଯାଇଛି ?

(ଗ) ସତ୍ୟବାଦୀ ବନବିଦ୍ୟାଳୟର କେଉଁମାନଙ୍କୁ ପଂଚସଖା କୁହା ଯାଉଥିଲା ଓ କାହିଁକି ?

(ଘ) ରୋମୀୟ ଓ ଭାରତୀୟ ସଭ୍ୟତା ମଧ୍ୟରେ କି ପାର୍ଥକ୍ୟ ପରିଲକ୍ଷିତ ହୁଏ ?

(ଙ) ସାରମାଉସୀ ସହ ଲେଖକଙ୍କର ସଂପର୍କ ବଦଳି ଯିବାର କାରଣ କଣ ?

**7.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । *1×4=4*

(କ) "ଏହା ବ୍ୟକ୍ତିଗତ ସମସ୍ୟା ନୁହେଁ, ଏହା ସମଗ୍ର ଶିକ୍ଷିତ ସମାଜର ସମସ୍ୟା" – ଏଠାରେ କେଉଁ ସମସ୍ୟା କଥା କୁହାଯାଇଛି ?

(i) ଗ୍ରାମର ରାଜନୀତି

(ii) ଏକପରିବାରତ୍ୱ

(iii) ସହରୀ ଶିକ୍ଷିତ ବ୍ୟକ୍ତିର ନିଜ ପଲ୍ଲୀଗ୍ରାମକୁ ଫେରିବା

(iv) ଧାର୍ମିକ ପରଂପରା

(ଖ) ମୈତ୍ରୀର ଧ୍ୱଜା କେତେବେଳେ ଉଡ଼ିଥାଏ ?

(i) ଆର୍ଥିକ ସ୍ୱଚ୍ଛଳତା ଆସିଲେ

(ii) ଆଧୁନିକ ସଭ୍ୟତାର ଆଦର୍ଶ ସମସ୍ତେ ଜାଣିଲେ

(iii) ଦେଶଦେଶ ମଧ୍ୟରେ ସୁସଂପର୍କ ସ୍ଥାପିତ ହେଲେ

(iv) ଦେଶ ଜୟକଲେ

(ଗ) ଗଣତନ୍ତ୍ରର ମୂଳମନ୍ତ୍ର କଣ ?

(i) ଜାତୀୟତାବାଦ

(ii) ସାମ୍ୟବାଦ

(iii) ଅର୍ଥନୀତି

(iv) ଶିକ୍ଷା

(ଘ) ଫକୀରମୋହନ ବାମଣ୍ଡା ରାଜସଭାରୁ କେଉଁ ଉପାଧି ପାଇଥିଲେ ?

(i) ବ୍ୟାସକବି

(ii) ସରସ୍ୱତୀ

(iii) ଉପନ୍ୟାସ ସମ୍ରାଟ

(iv) କବିରତ୍ନ

**8.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିଏ***) *5×1=5*

(କ) ଶୁଭ୍ର ସଉରଭ ରସିକେ

ଶୁଭ-ସମ୍ପାଦିନୀ ହୁଅ ରଘୁବଂଶିକେ ।

(ଖ) ଉଲ୍ଲାସର ଆତ୍ମା ପ୍ରାୟେ ଗୀତ-ତାନ

ହ୍ରଦ ନୀଳବକ୍ଷେ କରେ ଅଧିଷ୍ଠାନ ।

**9.** ଯେ କୌଣସି ***ତିନୋଟି*** ପ୍ରଶ୍ନର ଉତ୍ତର ଲେଖ । *2×3=6*

(କ) ଦୃଦକ୍ଷ ମାନଗୋବିନ୍ଦଙ୍କୁ କି ବାର୍ତ୍ତା ଦେଇଥିଲେ ?

(ଖ) ଅଙ୍ଗଦ ନିକଟକୁ ରାବଣ କି ବାର୍ତ୍ତା ପ୍ରେରଣ କଲେ ?

(ଗ) କେଉଁ ଦୃଶ୍ୟକୁ କବି ପାରଦ-ଧଉତ ବୋଲି ବର୍ଣ୍ଣନା କରିଛନ୍ତି ?

(ଘ) ମର୍ତ୍ତ୍ୟଭୁବନକୁ ଉଷା ଆସିବାର କାରଣ କଣ ?

(ଙ) ବନ୍ଧନହରା କେଉଁମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ?

**10.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । *1×4=4*

(କ) କେଉଁଠାରୁ ଆମେ ଶକ୍ତି ଓ ତୃପ୍ତି ପାଉ ବୋଲି କବି କହିଛନ୍ତି ?

(i) ପ୍ରେରଣାରୁ

(ii) ଭାବନାରୁ

(iii) ଆତ୍ମସଂଯମତାରୁ

(iv) ଗଛଲତାର ଫଳରୁ

(ଖ) ମରୁପଥରେ କଣ ସୃଷ୍ଟି କରିବାକୁ କବି କହିଛନ୍ତି ?

(i) ଝରଣା

(ii) ସବୁଜିମା

(iii) ମରୁଦ୍ୟାନ

(iv) ସୁଶୀତଳ ଛାୟା

(ଗ) ଅନୁକମ୍ପା ସୀତାଙ୍କୁ କଣ କହିଲେ ?

(i) ପୁଷ୍ପଚୟନ କରିବାକୁ

(ii) ତମସା ନଦୀକୁ ସ୍ନାନପାଇଁ ଯିବାକୁ

(iii) ଧ୍ୟାନ କରିବାକୁ

(iv) ପ୍ରାତଃ ଭ୍ରମଣ କରିବାକୁ

(ଘ) ଘଟୋତ୍କଚଙ୍କ ପିତାଙ୍କ ନାମ କଣ ?

(i) ଅର୍ଜ୍ଜୁନ

(ii) ଦ୍ରୋଣ

(iii) ଅଙ୍ଗଦ

(iv) ଭୀମ

**11.** ଯେ କୌଣସି ***ଗୋଟିଏ*** ପ୍ରଶ୍ନର ଉତ୍ତର ଲେଖ । *5*

(କ) ଜୟଦେବ ବାବୁଙ୍କ ସ୍ତ୍ରୀ ଗରମ ଚକୁଳି ପରଷିବା ବେଳେ ଜୟଦେବ କେଉଁ କଥା ଶୁଣି ହସିଲେ ?

(ଖ) ଅଶୋକ କାହିଁକି ଯୁଦ୍ଧ ବିରତି ଘୋଷଣା କଲେ ?

(ଗ) ଧରମା ଶିଳ୍ପୀକୁଳର ଗର୍ବ – ଏ ଉକ୍ତିର ତାତ୍ପର୍ଯ୍ୟ କଣ ?